# NATIONAL NEWS BULLETIN (ODIA)
## 01st October - 2026
## Evening Bulletin : 7.15 p.m.

******************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ୨୦୪୭ ମସିହାରେ ଭାରତର ଯୁବବର୍ଗ ଅଧିକ ଆଶାୟୀ ଓ ଆକାଂକ୍ଷୀ ହେବେ ବୋଲି କହିଲେ ପ୍ରଧାନମନ୍ତ୍ରୀ ।

— ଆଗାମୀ ୨୫ ବର୍ଷ ପ୍ରତ୍ୟେକ ଭାରତୀୟ ଓ ସମସ୍ତ ପ୍ରତିଷ୍ଠାନପାଇଁ ହେବ ଗୁରୁତ୍ୱପୂର୍ଣ୍ଣ ।

- ଗାନ୍ଧିଜୟନ୍ତୀ ଅବସରରେ ଆସନ୍ତାକାଲି ସମଗ୍ର ଦେଶରେ ଅନୁଷ୍ଠିତ ହେବ ସ୍ୱତନ୍ତ୍ର ଗ୍ରାମସଭା ।

- ଯୋଗ୍ୟ ଦିବ୍ୟାଙ୍ଗ ଜନଙ୍କପାଇଁ ଫାସ୍‌ଟ୍ୟାଗ୍ ମାର୍ଗଦର୍ଶିକାରେ ସଂଶୋଧନ କଲେ ସରକାର ।

ଏବଂ

- ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତୀୟ ପୁରୁଷ ହକିଦଳ ପାକିସ୍ତାନକୁ ହରାଇ ଫାଇନାଲ୍‌କୁ ଉନ୍ନୀତ ।

— ପଦକ ତାଲିକାରେ ଭାରତ ହାସଲ କଲା ମୋଟ୍ ୬୫ଟି ପଦକ ।

# ପି.ଏମ୍. - ୟୁ.ପି.ଏସ୍.ସି.

ସଂସ୍କାର ଦିଗରେ ରାଷ୍ଟ୍ର ଦ୍ରୁତ ଅଗ୍ରସର ହେଉଛି ଏବଂ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥାନଗୁଡ଼ିକ ସଂସ୍କାରମୂଳକ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିବା ଉଚିତ, ଏହା ଦେଶର ଆବଶ୍ୟକତା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ କେନ୍ଦ୍ରୀୟ ଲୋକସେବା ଆୟୋଗ-ୟୁ.ପି.ଏସ୍.ସି.ର ଶତାବ୍ଦୀ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦି କହିଛନ୍ତି, ପରୀକ୍ଷାକୁ ଏକ କାର୍ଯ୍ୟକ୍ରମ ଭାବେ ବିଚାର କରାଯିବା ଉଚିତ ନୁହେଁ । ଏହା ହେଉଛି ଯୁବବର୍ଗଙ୍କ ଭବିଷ୍ୟତ ସହ ସମ୍ପୃକ୍ତ । କିଛିମାସର ବିଳମ୍ବ ଯୁବବର୍ଗଙ୍କ ଅସୁବିଧାର କାରଣ ହୋଇପାରେ । ତେଣୁ ପରୀକ୍ଷା ବ୍ୟବସ୍ଥା ନିର୍ଦ୍ଧାରିତ ସମୟରେ ପରିଚାଳନା କରାଯିବା ଉଚିତ ବୋଲି ଶ୍ରୀ ମୋଦି କହିଛନ୍ତି ।

କେନ୍ଦ୍ରୀୟ ଲୋକସେବା ଆୟୋଗ-ୟୁ.ପି.ଏସ୍.ସି.ର ୧୦୦ ବର୍ଷର ଯାତ୍ରାରେ ସରକାର, ପ୍ରଯୁକ୍ତିବିଦ୍ୟା ଏବଂ ପାଠ୍ୟକ୍ରମରେ ପିଢ଼ି ପରେ ପିଢ଼ି ପରିବର୍ତ୍ତନ ଘଟିଥିଲେ ମଧ୍ୟ ଏହି ଅନୁଷ୍ଠାନ ପ୍ରତି ବିଶ୍ୱାସ ପୂର୍ବଭଳି ଅଟଳ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ' ଯୁବବର୍ଗ ଜନସେବାରେ

ସାମିଲ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସରକାରୀ ପଦବୀ ପ୍ରତି ନୁହେଁ ବରଂ ଜନସେବା ପ୍ରତି ପ୍ରାଥମିକତା ପ୍ରଦାନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଏକବିଂଶ ଶତାବ୍ଦୀର ଭାରତ ଏକ ନୂତନ କାର୍ଯ୍ୟ ସଂସ୍କୃତି ସହିତ ଅଗ୍ରସର ହେଉଛି । ଏହାର ମୂଳନୀତି ରହିଛି 'ଜନକଲ୍ୟାଣକାରୀ, ସକ୍ରିୟ ଏବଂ ସୁଶାସନ' ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Voice (PM - UPSC)*** :………

ପ୍ରଧାନମନ୍ତ୍ରୀ କହିଛନ୍ତି, ୨୦୪୭ ମସିହାର ଭାରତ ଆଜିର ଭାରତଠାରୁ ସମ୍ପୂର୍ଣ୍ଣ ଭିନ୍ନ ରହିବ । ରାଷ୍ଟ୍ର ଅଧିକ ସହରାଞ୍ଚଳ ଏବଂ ଗ୍ରାମ ଓ ନଗର ମଧ୍ୟରେ ଦୂରତା ହ୍ରାସ ପାଇବ । ସେହିପରି ନାରଗିକ ବିଶେଷକରି ଯୁବବର୍ଗଙ୍କ ଆଶା ଓ ଆକାଂକ୍ଷ ଉଚ୍ଚଶିଖରରେ ପହଞ୍ଚିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆଗାମୀ ୨୦ରୁ ୨୫ ବର୍ଷ ପ୍ରତ୍ୟେକ ଭାରତୀୟ ଏବଂ ଦେଶର ସମସ୍ତ ପ୍ରତିଷ୍ଠାନଗୁଡ଼ିକ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସୂଚନାଯୋଗ୍ୟ ୧୯୨୬ ମସିହାରେ ସ୍ଥାପିତ ୟୁପିଏସ୍‌ସିର ଶତବାର୍ଷିକୀ ପାଳନ ଗତବର୍ଷ ଅକ୍ଟୋବର ୧ ତାରିଖରୁ ଆରମ୍ଭ ହୋଇଥିଲା । ଆଜି ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ସ୍ମାରକୀ ଡାକଟିକଟ ଏବଂ **100 Landmark Judgements- Shaping the Policies of UPSC and Public Service Commissions in India** ନାମକ ଏକ ପୁସ୍ତକର ଉନ୍ମୋଚନ କରିଛନ୍ତି ।

# ସ୍ପେଶାଲ୍ ଗ୍ରାମସଭା - ଗାନ୍ଧିଜୟନ୍ତୀ

ଗାନ୍ଧିଜୟନ୍ତୀ ଅବସରରେ ଆସନ୍ତାକାଲି ସମଗ୍ର ଦେଶରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହେବ । ଏହି ଗ୍ରାମସଭାରେ ପଞ୍ଚାୟତଗୁଡ଼ିକୁ ସୁଦୃଢ଼ କରିବା, ଜନସେବାରେ ଉନ୍ନତି ଏବଂ ଗ୍ରାମୀଣ ଭାରତରେ ଗୁଣାତ୍ମକ ଜୀବନ ଯାପନ ବିକାଶ ଲକ୍ଷ୍ୟରେ ରୂପାନ୍ତରଣ ସୁଶାସନ ସଂସ୍କାରମୂଳକ ପଦକ୍ଷେପ ସମ୍ପର୍କରେ ଆଲୋଚନା ହେବ । ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ସ୍ୱତନ୍ତ୍ର ଗ୍ରାମସଭାରେ ଜନ ଯୋଜନା ଅଭିଯାନ-୨୦୨୬-୨୭, ସବ୍ କୀ ଯୋଜନା, ସବ୍ କା ବିକାଶ ଯୋଜନାର ଶୁଭାରମ୍ଭ ହେବ । ଗ୍ରାମପଞ୍ଚାୟତ ଅଭିଯାନ ଅଧୀନରେ ୨୦୨୭-୨୮ ଆର୍ଥିକ ବର୍ଷପାଇଁ ଗ୍ରାମପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତ କରାଯିବ । ଜନଯୋଜନା ଅଭିଯାନ ୨୦୧୮ ମସିହାଠାରୁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ କାର୍ଯ୍ୟକାରୀ ହେଉଛି । ପଞ୍ଚାୟତଗୁଡ଼ିକୁ ସମାବେଶୀ ଏବଂ ଅଂଶଗ୍ରହଣକାରୀ ବିକାଶ ଯୋଜନା ନିମନ୍ତେ ପ୍ରସ୍ତୁତ ପାଇଁ ଏହାର ଲକ୍ଷ୍ୟ ରହିଛି । ଏପର୍ଯ୍ୟନ୍ତ ୨ ଲକ୍ଷ ୫୫ ହଜାରରୁ ଊର୍ଦ୍ଧ୍ୱ ଗ୍ରାମ ପଞ୍ଚାୟତ ସେମାନଙ୍କ ଯୋଜନା ଇ-ଗ୍ରାମସ୍ୱରାଜ ମାଧ୍ୟମରେ ପ୍ରସ୍ତୁତ ଏବଂ ଅପ୍‌ଲୋଡ୍ କରିଛନ୍ତି ।

# କୌଟିଲ୍ୟ - ଇକୋନୋମିକ୍ସ କନ୍‌କ୍ଲେଭ୍

ନୂଆଦିଲ୍ଲୀରେ ଆସନ୍ତା ଶନିବାର ପଞ୍ଚମ କୌଟିଲ୍ୟ ଅର୍ଥନୈତିକ ସମ୍ମିଳନୀ ଆରମ୍ଭ ହେବ । ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି "ପରିବର୍ତ୍ତନଶୀଳ ଯୁଗରେ ଆତ୍ମନିର୍ଭରଶୀଳତା" । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ତିନିଦିନିଆ ଏହି ସମ୍ମିଳନୀରେ ୧୮୦ରୁ ଊର୍ଦ୍ଧ୍ୱ ନୀତି ନିର୍ଦ୍ଧାରକ, ଅର୍ଥନୀତିଜ୍ଞ, ଶିକ୍ଷାବିତ୍, ଅର୍ଥନୈତିକ ବିଶେଷଜ୍ଞ ଏବଂ ଆନ୍ତର୍ଜାତିକ ସ୍ତରର ନେତାମାନେ ଅଂଶଗ୍ରହଣ କରିବେ । ୩୦ଟି ଦେଶରୁ ୮୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ମଧ୍ୟ ଭାଗନେବେ । ସମ୍ମିଳନୀରେ ୩ଟି ଅଧିବେଶନ ରହିବ । ଗୋଲ୍‌ଟେବୁଲ୍ ବୈଠକରେ ବୈଦେଶିକ ପ୍ରତ୍ୟକ୍ଷ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ଏବଂ ଦୀର୍ଘମିଆଦୀ ନିବେଶପାଇଁ ଘରୋଇ ପୁଞ୍ଜି ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ନୀତି ନିର୍ଦ୍ଧାରକ, ଅର୍ଥନୀତିଜ୍ଞ, ପୁଞ୍ଜିନିବେଶକାରୀ ଏବଂ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ନିବେଶ ସଂକ୍ରାନ୍ତ ବିଭିନ୍ନ ସୁଯୋଗ ସୃଷ୍ଟି କରାଯିବାନେଇ ଆଲୋଚନା କରାଯିବ । ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେବେ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ଅନ୍ୟାନ୍ୟ କେନ୍ଦ୍ରମନ୍ତ୍ରୀମାନେ ମଧ୍ୟ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିବେ ।

## ଗଭ୍ - ଫାସ୍ଟ୍ୟାଗ୍ ଗାଇଡ୍‌ଲାଇନ୍ସ

କେନ୍ଦ୍ର ସରକାର’ ଯୋଗ୍ୟ ଦିବ୍ୟାଙ୍ଗ ଜନ ହିତାଧିକାରୀଙ୍କପାଇଁ ଫାସ୍ଟ୍ୟାଗ୍ ଜାରି ଏବଂ ନବୀକରଣ ପ୍ରକ୍ରିୟା ମାର୍ଗଦର୍ଶିକାରେ ସଂଶୋଧନ କରିଛନ୍ତି । ଜାତୀୟ ରାଜପଥରେ ଦିବ୍ୟାଙ୍ଗ ଜନ ଏବଂ ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କପାଇଁ ସହଜରେ ଚଳାଚଳକୁ ଲକ୍ଷ୍ୟରେ ରଖି ଏହି ସଂଶୋଧନ କରାଯାଇଛି । ଶାରୀରିକ ଅକ୍ଷମ ବ୍ୟବହାର କରୁଥିବା ଯାନବାହନ ଏବଂ ଦିବ୍ୟାଙ୍ଗ ଜନଙ୍କ ମାଲିକାନାରେ ପଞ୍ଜିକୃତ ଗାଡ଼ିର ଫାସ୍ଟ୍ୟାଗ୍‌ରେ ଛାଡ଼ କରାଯାଇଛି । ଅକ୍ଷମତା ପ୍ରମାଣପତ୍ରରେ କେତେକ ପ୍ରତିଶତ ଅସମର୍ଥ ଏବଂ ଏକକ ଅକ୍ଷମତା ପରିଚୟ ପତ୍ର ଆଧାରରେ ଫାସ୍ଟ୍ୟାଗ୍ ଛାଡ଼ କରାଯିବ । ଆସନ୍ତାକାଲିଠାରୁ ଏହି ସଂଶୋଧିତ ମାର୍ଗଦର୍ଶିକା କାର୍ଯ୍ୟକାରୀ ହେବ ।

## ସେବା ସଙ୍କଳ୍ପ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି। ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏ ପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗୀକାରବଦ୍ଧତାକୁ ଏହା ପ୍ରକାଶ କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା

ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଙ୍କଳ୍ପ ଅଭିଯାନର ଏହି ସ୍ୱତନ୍ତ୍ର ଧାରାବାହିକରେ ଆଜି ଆମେ ଆପଣଙ୍କୁ 'ରାଷ୍ଟ୍ରୀୟ ସମର ସ୍ମାରକୀ ଏବଂ ରାଷ୍ଟ୍ରୀୟ ପୁଲିସ୍ ସ୍ମାରକ ସ୍ଥାପନ କରାଯାଇ ଲକ୍ଷ୍ୟକୁ କିପରି କାର୍ଯ୍ୟରେ ପରିଣତ କରାଯାଇପାରିଛି' ସେସମ୍ପର୍କରେ ତଥ୍ୟ ପ୍ରଦାନ କରୁଛୁ ।

୨୦୧୯ ମସିହା ଜାନୁୟାରୀ ମାସରେ ରାଷ୍ଟ୍ରୀୟ ସମର ସ୍ମାରକୀ ସ୍ଥାପନ କରାଯାଇଥିଲା । ଇଣ୍ଡିଆ ଗେଟ୍ ନିକଟରେ ନିର୍ମିତ ହୋଇଥିବା ଏହି ସ୍ମାରକୀ ଭାରତୀୟ ସେନାବାହିନୀ ଏବଂ ଯବାନମାନଙ୍କ ସମ୍ମାନାର୍ଥେ ଉତ୍ସର୍ଗୀକୃତ କରାଯାଇଛି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ସେମାନଙ୍କର ତ୍ୟାଗ ଏବଂ ବଳିଦାନକୁ ମନେ ପକାଇବା ଉଦ୍ଦେଶ୍ୟରେ ଏହା ସ୍ଥାପନ କରାଯାଇଛି । ମୁଖ୍ୟ ସ୍ମାରକୀ ସ୍ଥଳ ବ୍ୟତୀତ ରାଷ୍ଟ୍ରର ସର୍ବୋତ୍ତମ ସାହସିକତା ପୁରସ୍କାର 'ପରମବୀର ଚକ୍ର' ପାଇଥିବା ୨୧ ଜଣ ବୀର ଯବାନଙ୍କ ପ୍ରତିମୂର୍ତ୍ତି ଏହି ସ୍ଥାନରେ ସ୍ଥାପିତ କରାଯାଇଛି । କର୍ତ୍ତବ୍ୟ ସମୟରେ ଯବାନମାନେ ଦେଶପାଇଁ ବଳିଦାନର ସ୍ମାରକୀସ୍ୱରୂପ ଏହା ପ୍ରସ୍ତୁତ କରାଯାଇଛି । ୨୦୧୯ ମସିହାରେ ଆକାଶବାଣୀରେ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଏହି ସ୍ମାରକୀ ଦେଶର ବୀର ଯବାନମାନଙ୍କର ତ୍ୟାଗ ଏବଂ ବଳିଦାନକୁ ସୂଚୀତ କରୁଛି ।

***Voice (PM)*** :………

୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ପୁଲିସ୍ ସହିଦ୍ ଦିବସ ଅବସରରେ ଦେଶ ଉଦ୍ଦେଶ୍ୟରେ ଜାତୀୟ ପୁଲିସ୍ ସ୍ମାରକୀ ଉତ୍ସର୍ଗ କରିଥିଲେ । କର୍ତ୍ତବ୍ୟ ପାଳନ ସମୟରେ ଯୋଉଁ ପୁଲିସ୍ ଅଧିକାରୀମାନେ ନିଜର ସାହସିକତା ପ୍ରଦର୍ଶନ କରି ଜୀବନ ଉତ୍ସର୍ଗ କରିଥିଲେ, ସେମାନଙ୍କର ସ୍ମାରକୀ ଏଥିରେ ସ୍ଥାନ ପାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୮ ମସିହାରେ ଆସାମରେ ପରିବହନ ବ୍ୟବସ୍ଥାରେ ନୂତନ ଦିଗନ୍ତସ୍ୱରୂପ ବୋଗିବିଲ୍ ସେତୁର ଉଦ୍‌ଘାଟନ କରିଥିଲେ । ଏହି ସେତୁ ଧେମାଜି ଜିଲ୍ଲା ଅନ୍ତର୍ଗତ ବ୍ରହ୍ମପୁତ୍ର ନଦୀର ଉତ୍ତର କୂଳ ସହିତ ଦିବୁଗଡ଼ ଦକ୍ଷିଣ କୂଳକୁ ସଂଯୋଗ କରୁଛି । ଏହି ସେତୁ ଅପର୍ ଆସାମ୍‌ର ସାମାଜିକ-ଅର୍ଥନୈତିକ, ଶିଳ୍ପ, ଜନସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରର ବ୍ୟାପକ ପରିବର୍ତ୍ତନ ଆଣିପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Voice (PM - Bhogibeel)*** :………

## ଏସିଆନ ଗେମ୍‌ସ

ଜାପାନର କାକାମିଗହରାଠାରେ ଚାଲିଥିବା ଏସୀୟ କ୍ରୀଡ଼ା ପ୍ରତିଯୋଗିତାର ଭାରତୀୟ ପୁରୁଷ ହକି ଦଳ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୪-୩ ଗୋଲ୍‌ରେ ପରାସ୍ତ କରି ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ

ହୋଇଛି । ଭାରତ ପଞ୍ଚମ ଏବଂ ତ୍ରୟୋଦଶ ମିନିଟ୍‌ରେ କ୍ୟାପ୍‌ଟେନ୍ ହରମ୍‌ନ୍‌ପ୍ରୀତି ପେନାଲ୍‌ଟି କର୍ଣ୍ଣର ମାଧ୍ୟରେ ୨ଟି ଗୋଲ୍ ଦେଇଥିବାବେଳେ ସୁଖଜିତ ସିଂହ ୨୩ତମ ମିନିଟ୍‌ରେ ଅନ୍ୟ ଏକ ଗୋଲ୍ ଦେଇଥିଲେ । ସେହିପରି ଅଭିଷେକ ଚତୁର୍ଥ ଗୋଲ୍ ଦେଇ ଭାରତକୁ ବିଜୟୀ କରିଥିଲେ ।

ଦକ୍ଷିଣ କୋରିଆ ଓ ମାଲେସିୟା ମଧ୍ୟରେ ଆସନ୍ତା ଶନିବାର ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍‌ର ବିଜେତା ସହ ଭାରତ ଫାଇନାଲ୍ ଖେଳିବ ।

ମହିଳା ହକିଦଳ ଆସନ୍ତାକାଲି ଫାଇନାଲ୍‌ରେ ଚୀନ୍‌କୁ ଭେଟିବ ।

ଭାରତୀୟ ପୁରୁଷ ସ୍କ୍ୱାସ୍ ଦଳ ଏସୀୟ କ୍ରୀଡ଼ା ପ୍ରତିଯୋଗିତାର ସେମିଫାଇନାଲ୍‌ରେ ମାଲେସିଆଠାରୁ ପରାସ୍ତ ହୋଇ କାଂସ୍ୟ ପଦକ ପାଇବାକୁ ସମର୍ଥ ହୋଇଛି । ସେହିପରି ଭାରତୀୟ ମହିଳା ସ୍କ୍ୱାସ୍ ଦଳ ସେମିଫାଇନାଲ୍‌ରେ ହଙ୍ଗ୍ କଙ୍ଗ୍‌ଠାରୁ ପରାସ୍ତ ହୋଇ କାଂସ୍ୟ ପଦକ ଲାଭ କରିଛି । ଏସିଆ କ୍ରୀଡ଼ା ପ୍ରତିଯୋଗିତାରେ ଭାରତ ମୋଟ୍ ୬୫ଟି ପଦକ ପାଇ ପଦକ ତାଲିକାର ଅଷ୍ଟମ ସ୍ଥାନରେ ରହିଛି । ସେଥିମଧ୍ୟରେ ୧୦ଟି ସ୍ୱର୍ଣ୍ଣ, ୨୩ଟି ରୌପ୍ୟ ଏବଂ ୩୨ଟି କାଂସ୍ୟ ପଦକ ରହିଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଜେତାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

*****